रेजिस्ट्री सं डी-221

REGISTERED No. D-221
ରେଜିଷ୍ଟ୍ରି ସଂ. ଡ଼ି-221

सत्यमेव जयते

# भारत का राजपत्र
# The Gazette of India
# ଭାରତର ଗେଜେଟ

असाधारण
EXTRAORDINARY
ଅସାଧାରଣ

भाग XIII—अनुभाग I
Part XIII—Section I
ଭାଗ XIII— ଖଣ୍ଡ I

प्राधिकार से प्रकाशित
PUBLISHED BY AUTHORITY
ପ୍ରାଧିକାର ଦ୍ୱାରା ପ୍ରକାଶିତ

No. 1 NEW DELHI, FRIDAY, MAY 3, 1991/BAISAKH 13, 1913, (SAKA) VOL. 2
ସଂ 1 ନୂଆଦିଲ୍ଲୀ, ଶୁକ୍ରବାର, ମଇ 3, 1991/ବୈଶାଖ 13, 1913 (ଶକ) ଗ୍ରନ୍ଥଖଣ୍ଡ 2

## MINISTRY OF LAW AND JUSTICE

### (Legislative Department)

*New Delhi, dated the 3rd May 1991/13 Baisakh, 1913 (SAKA)*

The Translation in Oriya of the following:—

(1) The Convert's Marriage Dissolution Act, 1866 (2) The Suits Valuation Act, 1887 (3) The Excise (Spirits) Act, 1863 (4) The Children (Pledging of Labour) Act, 1933 (5) The Indian Telegraph Act, 1885 (6) The Two Member Constituencies (Abolition) Act, 1961, (7) The Police Act, 1861 are hereby published under the authority of the President and shall be deemed to be the Authoritative Text thereof in Oriya under Clause (a) of Section 2 of the Authoritative Texts (Central Laws) Act, 1973 (50 of 1973).

# ବିଧି ଓ ନ୍ୟାୟ ମନ୍ତ୍ରାଳୟ

## (ବିଧାୟୀ ବିଭାଗ)

ନୂଆଦିଲ୍ଲୀ, 3 ମଇ, 1991/13 ବୈଶାଖ, 1913 (ଶକ)

(1) ଦି କନ୍‌ଭର୍ଟସ ମ୍ୟାରିକ୍ ଡିସ୍‌ସଲିଉଶନ୍ ଏକ୍ଟ, 1866 (2) ଦି ସୁଟ୍‌ସ ଭ୍ୟାଲିଯେଶନ ଏକ୍ଟ, 1887 (3) ଦି ଏକ୍‌ସାଇଜ (ସ୍ପିରିଟ୍‌ସ) ଏକ୍ଟ, 1863 (4) ଦି ଚିଲ୍‌ଡ୍ରେନ୍ (ପ୍ଲେଜିଂ ଅଫ୍ ଲେବର) ଏକ୍ଟ, 1933 (5) ଦି ଇଣ୍ଡିଆନ୍ ଟେଲିଗ୍ରାଫ୍ ଏକ୍ଟ-1885 (6) ଦି ଟୁ ମେମ୍ବର କନ୍‌ଷ୍ଟିଚୁଏନ୍‌ସିଜ୍ (ଆବୁଲିସନ୍) ଏକ୍ଟ, 1961 (7) ଦି ପୋଲିସ୍ ଏକ୍ଟ, 1861 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ୱାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50) ର ଧାରା 2 ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭାଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ସୂଚୀପତ୍ର
# INDEX

| ଅଧିନିୟମର ନାମ<br>Name of the Act | ପୃଷ୍ଠା<br>PAGE |
|---|---|
| 1. ଧର୍ମାନ୍ତରିତ ବ୍ୟକ୍ତିଙ୍କ ବିବାହ ବିଘଟନ ଅଧିନିୟମ, 1866<br>The Converts's Marriage Dissolution Act, 1866 | 1 |
| 2. ମକଦ୍ଦମା ମୂଲ୍ୟାଙ୍କନ ଅଧିନିୟମ, 1887<br>The Suits Valuation Act, 1887. | 10 |
| 3. ଅବକାରୀ (ସ୍ପିରିଟ) ଅଧିନିୟମ, 1863<br>Excise (Spirits) Acts, 1863. | 13 |
| 4. ଶିଶୁ (ଶ୍ରମ ବନ୍ଧକ) ଅଧିନିୟମ,1933<br>The Children (Pledging of Labour)Act, 1933. | 15 |
| 5. ଭରତୀୟ ଟେଲିଗ୍ରାଫ ଅଧିନିୟମ, 1885<br>The Indian Telegraph Act, 1885. | 17 |
| 6. ଦ୍ୱି-ସଦସ୍ୟ ନିର୍ବାଚନମଣ୍ଡଳୀ (ଉଚ୍ଛେଦ) ଅଧିନିୟମ, 1961<br>The Two Member Constituencies (Abolition) Act, 1961. | 30 |
| 7. ପୋଲିସ ଅଧିନିୟମ, 1861<br>The Police Act,1861. | 33 |

# ଧର୍ମାନ୍ତରିତ ବ୍ୟକ୍ତିଙ୍କ ବିବାହ ବିଘଟନ ଅଧିନିୟମ, 1866

## (1866 ର ଅଧିନିୟମ ସଂ 21)

ଖ୍ରୀଷ୍ଟଧର୍ମରେ ଧର୍ମାନ୍ତରିତ ହୋଇଥିବା ବ୍ୟକ୍ତିଙ୍କ ବିବାହ ବିଘଟନକୁ କେତେକ ପରିସ୍ଥିତିରେ ବିଧିସମ୍ମତ କରିବା ନିମିତ୍ତ ଏକ ଅଧିନିୟମ ।

[2 ଅପ୍ରେଲ, 1866]

**ଉଦ୍ଦେଶିକା** — ଯେହେତୁ ଖ୍ରୀଷ୍ଟଧର୍ମରେ ଧର୍ମାନ୍ତରିତ ହୋଇଥିବା ବ୍ୟକ୍ତିଙ୍କର ପତ୍ନୀ ବା ପତିମାନଙ୍କ ଦ୍ୱାରା ଧର୍ମଗତ କାରଣରୁ ଅଭିତ୍ୟକ୍ତ ବା ଅସ୍ୱୀକୃତ ବ୍ୟକ୍ତିଙ୍କ ବିବାହ ବିଘଟନକୁ କେତେକ ପରିସ୍ଥିତିରେ ବିଧିସମ୍ମତ କରିବା ସମୀଚୀନ ଅଟେ; ତେଣୁ ଏତଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା :—

**ସଂକ୍ଷିପ୍ତ ନାମ** — 1. ଏହି ଅଧିନିୟମ ଧର୍ମାନ୍ତରିତ ବ୍ୟକ୍ତିଙ୍କ ବିବାହ ବିଘଟନ ଅଧିନିୟମ, 1866 ନାମରେ ଅଭିହିତ ହେବ ।

2. ନିରସିତ

**ନିର୍ବଚନ ଖଣ୍ଡ** — 3. ଏହି ଅଧିନିୟମରେ —

**"ପତି"** — "ପତି" ଅର୍ଥ ଭାରତରେ ଅଧିବସିତ ଜଣେ ବିବାହିତ ପୁରୁଷ ଯାହାଙ୍କ ବୟସ ଷୋହଳ ବର୍ଷ ପୂର୍ଣ୍ଣ ହୋଇଥାଏ ଏବଂ ଯେକି ଜଣେ ଖ୍ରୀଷ୍ଟିଆନ, ମହମଡାନ ବା ଇହୁଦୀ ନୁହନ୍ତି :

**"ପତ୍ନୀ"** — "ପତ୍ନୀ" ଅର୍ଥ ଭାରତରେ ଅଧିବସିତ ଜଣେ ବିବାହିତା ନାରୀ ଯାହାଙ୍କ ବୟସ ତେରବର୍ଷ ପୂର୍ଣ୍ଣ ହୋଇଥାଏ ଏବଂ ଯେକି ଜଣେ ଖ୍ରୀଷ୍ଟିଆନ, ମହମଡାନ ବା ଇହୁଦୀ ନୁହନ୍ତି :

**"ସ୍ୱୀୟ ବିଧି"** — "ସ୍ୱୀୟ ବିଧି" ଅର୍ଥ ଖ୍ରୀଷ୍ଟିଆନ, ମହମଡାନ ଓ ଇହୁଦୀ ଭିନ୍ନ ଭାରତରେ ଅଧିବସିତ ଅନ୍ୟ କୌଣସି ବ୍ୟକ୍ତିଙ୍କ କୌଣସି ବିଧି ବା ବିଧିର ବଳପ୍ରାପ୍ତ ଲୋକାଚାର :

**"ମାସ" ଓ "ବର୍ଷ"** — "ମାସ" ଓ "ବର୍ଷ" ଅର୍ଥ ଯଥାକ୍ରମେ ବ୍ରିଟିଶ କ୍ୟାଲେଣ୍ଡର ଅନୁଯାୟୀ ମାସ ଓ ବର୍ଷ ।

× × ×

**କେତେବେଳେ ପତ୍ନୀଙ୍କ ଦ୍ୱାରା ଅଭିତ୍ୟକ୍ତ ଧର୍ମାନ୍ତରିତ ବ୍ୟକ୍ତି ଦାମ୍ପତ୍ୟ ଜୀବନ ଲାଗି ନାଲିସ କରିପାରିବେ ।** — 4. ଯଦି ଜଣେ ପତି ତାଙ୍କ ଧର୍ମ ପରିବର୍ତ୍ତନ କରି ଖ୍ରୀଷ୍ଟଧର୍ମ ଗ୍ରହଣ କରନ୍ତି ଏବଂ ଯଦି ଉକ୍ତ ପରିବର୍ତ୍ତନର ପରିଣାମ ସ୍ୱରୂପ ତାଙ୍କ ପତ୍ନୀ ଅବିଚ୍ଛିନ୍ନ ଭାବରେ ଛଅମାସ କାଳ ତାଙ୍କୁ ଅଭିତ୍ୟାଗ ବା ଅସ୍ୱୀକାର କରନ୍ତି ତାହାହେଲେ ସେ ଦାମ୍ପତ୍ୟ ଜୀବନ ଲାଗି ତାଙ୍କ ପତ୍ନୀଙ୍କ ବିରୁଦ୍ଧରେ ନାଲିସ କରିପାରିବେ ।

**କେତେବେଳେ ପତିଙ୍କ ଦ୍ୱାରା ଅଭିତ୍ୟକ୍ତ ଧର୍ମାନ୍ତରିତ ବ୍ୟକ୍ତି ନାଲିସ କରିପାରିବେ ।** — 5. ଯଦି ଜଣେ ପତ୍ନୀ ତାଙ୍କ ଧର୍ମ ପରିବର୍ତ୍ତନ କରି ଖ୍ରୀଷ୍ଟଧର୍ମ ଗ୍ରହଣ କରନ୍ତି ଏବଂ ଯଦି ସେପରି ପରିବର୍ତ୍ତନର ପରିଣାମ ସ୍ୱରୂପ ତାଙ୍କ ପତି ଅବିଚ୍ଛିନ୍ନ ଭାବରେ ଛଅମାସ କାଳ ତାଙ୍କୁ ଅଭିତ୍ୟାଗ ବା ଅସ୍ୱୀକାର କରନ୍ତି ତାହାହେଲେ ସେ ଦାମ୍ପତ୍ୟ ଜୀବନ ଲାଗି ତାଙ୍କ ବିରୁଦ୍ଧରେ ନାଲିସ କରିପାରିବେ ।

**କେଉଁ ନ୍ୟାୟାଳୟରେ ମକଦ୍ଦମା ଅଣାଯିବ ।** — 6. ଯଦି ଜବାବଦାତା, ମକଦ୍ଦମା ପ୍ରାରମ୍ଭ ସମୟରେ କୌଣସି ଉଚ୍ଚ ନ୍ୟାୟାଳୟର ମାମୁଲି ମୂଳ ସିଭିଲ୍ ଅଧିକାରିତାର ସ୍ଥାନୀୟ ପରିସୀମା ମଧ୍ୟରେ ବାସ କରୁଥାନ୍ତି ତାହାହେଲେ ମକଦ୍ଦମାର ପ୍ରାରମ୍ଭ ସେହି ନ୍ୟାୟାଳୟରେ ହେବ; ଅନ୍ୟଥା ମକଦ୍ଦମାର ପ୍ରାରମ୍ଭ ସମୟରେ ପ୍ରତିବାଦୀ ଯେଉଁ ଜିଲାରେ ବାସ କରୁଥାନ୍ତି ସେହି ଜିଲାରେ ମୂଳ ଅଧିକାରିତା ଥିବା ମୁଖ୍ୟ ସିଭିଲ ନ୍ୟାୟାଳୟରେ ସେହି ମକଦ୍ଦମାର ପ୍ରାରମ୍ଭ ହେବ ।

**ସତ୍ୟାପିତ ଦରଖାସ୍ତ ଦ୍ୱାରା ମକଦ୍ଦମାର ପ୍ରାରମ୍ଭ ହେବ ।**

7. ଏହି ଅଧିନିୟମର ପ୍ରଥମ ଅନୁସୂଚୀରେ ଥିବା ଫର୍ମରେ କିମ୍ବା ମାମଲାର ପରିସ୍ଥିତି ଦୃଷ୍ଟିରୁ ତାହାର ଅନୁରୂପ ହୋଇଥିବା ଫର୍ମରେ ଦରଖାସ୍ତ କରି ମକଦ୍ଦମା ପ୍ରାରମ୍ଭ କରାହେବ ।

ବାଦପତ୍ରର ସତ୍ୟାପନ ଲାଗି ବିଧିଦ୍ୱାରା ଆବଶ୍ୟକ ହେଉଥିବା ରୀତିରେ, ଦରଖାସ୍ତକାରୀ ଦରଖାସ୍ତରେ କରାଯାଇଥିବା ବିବୃତିଗୁଡ଼ିକୁ ସତ୍ୟାପିତ କରିବେ; ଏବଂ ଦରଖାସ୍ତଟି ନ୍ୟାୟାଳୟର ଅନୁମତିକ୍ରମେ ସଂଶୋଧିତ ହୋଇପାରିବ ।

**ଦରଖାସ୍ତ ଜାରି ପରେ ଜବାବଦାତାଙ୍କୁ ସମନ ।**

8. ଦରଖାସ୍ତର ଏକ ପ୍ରତିଲିପି ଜବାବଦାତାଙ୍କ ଉପରେ ଜାରି ହେବ ଏବଂ ତାପରେ ନ୍ୟାୟାଳୟ, ନ୍ୟାୟାଳୟର ମୋହର ଥାଇ ଓ ନ୍ୟାୟାଧୀଶଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିବା ଏକ ସମନ ପଠାଇବେ ।

**ସମନର ଫର୍ମ ।**

9. ସାଧାରଣତଃ ସେହି ସମନ ଏହି ଅଧିନିୟମର ଅନୁସୂଚୀରେ ଦିଆଯାଇଥିବା ଫର୍ମରେ କିମ୍ବା ମାମଲାର ପରିସ୍ଥିତି ଦୃଷ୍ଟିରୁ ତାହାର ଅନୁରୂପ ହୋଇଥିବା ଫର୍ମରେ ହେବ ।

ମାତ୍ର ଯେଉଁ ସ୍ଥଳେ ଜବାବଦାତା ନ୍ୟାୟାଳୟରେ ବ୍ୟକ୍ତିଗତ ହାଜିରିରୁ ବିଧିଦ୍ୱାରା ଅବ୍ୟାହତି ପାଇଥାନ୍ତି ବା ଯେଉଁଠାରେ ନ୍ୟାୟାଧୀଶ ଏହି ରୂପେ ନିର୍ଦ୍ଦେଶ ଦିଅନ୍ତି ସେଠାରେ ସେହି ସମନ ଏହି ଅଧିନିୟମର ଦ୍ୱିତୀୟ ଅନୁସୂଚୀରେ ଦିଆଯାଇଥିବା ଫର୍ମରେ କିମ୍ବା ମାମଲାର ପରିସ୍ଥିତି ଦୃଷ୍ଟିରୁ ତାହାର ଅନୁରୂପ ହୋଇଥିବା ଫର୍ମରେ ହେବ ।

**ସମନର ଜାରି ।**

10. ନ୍ୟାୟାଳୟର ମୋହର ଲଗାଯାଇଥିବା ସମନର ଏକ ପ୍ରତିଲିପି ଜବାବଦାତାଙ୍କ ଉପରେ ଜାରି ହେବ ଏବଂ ସମନର ଜାରି ଓ ପୃଷ୍ଠାଙ୍କନ ସଂପର୍କରେ ସିଭିଲ୍ ପ୍ରକ୍ରିୟା ସଂହିତାର ଉପବନ୍ଧଗୁଡ଼ିକ ଯଥୋଚିତ ପରିବର୍ତ୍ତନ ସହ ଏହି ଅଧିନିୟମ ଅଧୀନ ସମନ ପ୍ରତି ପ୍ରଯୋଜ୍ୟ ହେବ ।

**ସମନ ପାଳନ ନକଲେ ଜବାବଦାତାଙ୍କୁ ଶାସ୍ତି ।**

11. ଯଦି ଜବାବଦାତା ସେହି ସମନକୁ ପାଳନ ନକରନ୍ତି ଏବଂ ଏହି ଅଧିନିୟମର ଉପବନ୍ଧଗୁଡ଼ିକ ଅନୁଯାୟୀ ତାଙ୍କ ଠାରୁ ଯାହା ଆବଶ୍ୟକ କରାଯାଇଥାଏ ତାହା ଅନୁପାଳନ ନକରନ୍ତି ତାହାହେଲେ ସେ ଭାରତୀୟ ଦଣ୍ଡ ସଂହିତାର ଧାରା 174 ଅନୁଯାୟୀ ଦଣ୍ଡ ଲାଗି ଦାୟୀ ହେବେ ।

**ଦରଖାସ୍ତକାରୀ ହାଜର ହେଲେ ପ୍ରମାଣିତ ହେବା ବିଷୟ ।**

12. ସମନରେ ଧାର୍ଯ୍ୟ କରାହୋଇଥିବା ଦିନ ଦରଖାସ୍ତକାରୀ ନ୍ୟାୟାଳୟରେ ହାଜର ହେବେ ଏବଂ ନିମ୍ନଲିଖିତ ବିଷୟଗୁଡ଼ିକ ପ୍ରମାଣିତ ହେବ:—

(1) ପକ୍ଷମାନଙ୍କର ପରିଚୟ;

(2) ଦରଖାସ୍ତକାରୀ ଓ ଜବାବଦାତାଙ୍କ ମଧ୍ୟରେ ବିବାହ;

(3) ମକଦ୍ଦମାର ପୁରୁଷ ପକ୍ଷଙ୍କର ବୟସ ଷୋଳବର୍ଷ ପୂର୍ଣ୍ଣ ହୋଇଅଛି;
ଏବଂ ମକଦ୍ଦମାର ମହିଳା ପକ୍ଷଙ୍କର ବୟସ ତେରବର୍ଷ ପୂର୍ଣ୍ଣ ହୋଇଅଛି;

(4) ଜବାବଦାତା, ଦରଖାସ୍ତକାରୀଙ୍କୁ ଅଭିତ୍ୟାଗ ବା ଅସ୍ୱୀକାର କରିଛନ୍ତି;

(5) ସେହି ଅଭିତ୍ୟାଗ ବା ଅସ୍ୱୀକାର ଦରଖାସ୍ତକାରୀଙ୍କ ଧର୍ମ ପରିବର୍ତ୍ତନର ପରିଣାମ ସ୍ୱରୂପ ହୋଇଛି;

(6) ସେହି ଅଭିତ୍ୟାଗ ବା ଅସ୍ୱୀକାର ମକଦ୍ଦମା ପ୍ରାରମ୍ଭର ଅବ୍ୟବହିତ ଛଅମାସ ପୂର୍ବ ପର୍ଯ୍ୟନ୍ତ ଅବିଚ୍ଛିନ୍ନ ଭାବରେ ଥିଲା ।

**ଜବାବଦାତାଙ୍କୁ ପ୍ରଥମ ପରିପ୍ରଶ୍ନ ।**

13. ଯଦି ଉପରୋକ୍ତ ବିଷୟଗୁଡ଼ିକ ନ୍ୟାୟାଧୀଶଙ୍କ ସନ୍ତୋଷ ମୁତାବକ ପ୍ରମାଣିତ ହୁଏ ତେବେ ଜବାବଦାତାଙ୍କୁ ତାପରେ ପଚରାଯିବ ଯେ ସେ ଦରଖାସ୍ତକାରୀଙ୍କ ସହ ସହବାସ କରିବାକୁ ପ୍ରତ୍ୟାଖ୍ୟାନ କରୁଛନ୍ତି କି ନାହିଁ ଏବଂ ଯଦି ସେ ସେଭଳି ପ୍ରତ୍ୟାଖ୍ୟାନ କରୁଥାନ୍ତି ତେବେ ତାହାର କାରଣ କଣ ।

ସାଧାରଣତଃ ଯେପରି ପରିପ୍ରଶ୍ନ ଓ ଏହି ଅଧିନିୟମ ଦ୍ୱାରା ବିହିତ ପ୍ରତ୍ୟେକ ଅନ୍ୟ ପରିପ୍ରଶ୍ନ ନ୍ୟାୟାଧୀଶଙ୍କ ଦ୍ୱାରା କରାଯିବ ମାତ୍ର, ଯେବେ ଜବାବଦାତା ନ୍ୟାୟାଳୟରେ ବ୍ୟକ୍ତିଗତ ହାଜିରିରୁ ବିଧିଦ୍ୱାରା ଅବ୍ୟାହତି ପାଇଥାନ୍ତି କିମ୍ବା ଯେବେ ଜବାବଦାତା ଯେପରି ହାଜର ହେବାକୁ ନ୍ୟାୟାଧୀଶଙ୍କ ସ୍ୱବିବେଚନାନୁସାରେ ଅବ୍ୟାହତି ପାଇବେ, ତେବେ ସେହି ପରିପ୍ରଶ୍ନଗୁଡ଼ିକ ଏହା ପରେ ଉଲ୍ଲିଖିତ ଆୟୋଗ ଅଧୀନରେ କାର୍ଯ୍ୟ କରୁଥିବା ଆୟୁକ୍ତମାନଙ୍କ ଦ୍ୱାରା କରାଯିବ ।

**ପରିପ୍ରଶ୍ନ ନ୍ୟାୟାଧୀଶଙ୍କ ଦ୍ୱାରା ସର୍ବସମକ୍ଷରେ ବା ନିଭୃତରେ ହୋଇପାରେ ।**

14. ଏହି ଅଧିନିୟମରେ ଉଲ୍ଲେଖ କରାଯାଇଥିବା ଓ ନ୍ୟାୟାଧୀଶଙ୍କ ଦ୍ୱାରା କରାଯିବା ପ୍ରତ୍ୟେକ ପରିପ୍ରଶ୍ନ ନ୍ୟାୟାଧୀଶଙ୍କ ସ୍ୱବିବେଚନାନୁସାରେ ପ୍ରକାଶ୍ୟ ନ୍ୟାୟାଳୟରେ ବା ତାଙ୍କ ନିଭୃତ କୋଠରୀରେ କରାହୋଇପାରେ ।

ଯଦି ସେପରି କୌଣସି ପରିପ୍ରଶ୍ନ ପ୍ରକାଶ୍ୟ ନ୍ୟାୟାଳୟରେ କରାଯାଏ ତାହାହେଲେ ନ୍ୟାୟାଧୀଶ ଯେଉଁ ବ୍ୟକ୍ତିମାନଙ୍କୁ ବାହାରକରି ଦେବାକୁ ଉପଯୁକ୍ତ ମନେ କରନ୍ତି ପରିପ୍ରଶ୍ନ ଚାଲିଥିବା ପର୍ଯ୍ୟନ୍ତ ସେହି ବ୍ୟକ୍ତିମାନଙ୍କୁ ନ୍ୟାୟାଳୟରୁ ବାହାର କରି ଦେଇପାରିବେ ।

ଦରଖାସ୍ତ-କାରୀଙ୍କ ସହ ମହିଳା ଜବାବଦାତା ସହବାସ କରିବାକୁ ପ୍ରତ୍ୟାଖ୍ୟାନ କଲେ ପ୍ରକ୍ରିୟା ଏକବର୍ଷ ଲାଗି ମୁଲତବି । ସାକ୍ଷାତକାର ।

15. ଯଦି ଜବାବଦାତା ଜଣେ ମହିଳା ହୋଇଥାନ୍ତି ଏବଂ ନ୍ୟାୟାଧୀଶ ବା ଯଥାସ୍ଥିତ ଆସୁକ୍ତମାନଙ୍କ ପରିପ୍ରଶ୍ନର ଉତ୍ତରକ୍ରମେ ସେ ଦରଖାସ୍ତକାରୀଙ୍କ ସହିତ ସହବାସ କରିବାକୁ ପ୍ରତ୍ୟାଖ୍ୟାନ କରନ୍ତି ତେବେ ନ୍ୟାୟାଧୀଶ ସେହି ଜବାବଦାତାଙ୍କ ଉତ୍ତର ଓ ଦରଖାସ୍ତକାରୀ ଯେଉଁ ଯେଉଁ ତଥ୍ୟ ପ୍ରମାଣ କରିଥିବେ ସେସବୁଗୁଡ଼ିକୁ ବିଚାରକରି ସେହି ପ୍ରତ୍ୟାଖ୍ୟାନର କାରଣ ଦରଖାସ୍ତକାରୀଙ୍କ ଧର୍ମ ପରିବର୍ତ୍ତନ ବୋଲି ମତ ଦେବେ ତାହାହେଲେ ସେ ଉକ୍ତ ମାମଲାକୁ ଏକବର୍ଷ ପାଇଁ ମୁଲତବି ରଖି ଏବଂ ଜବାବଦାତା ଅବାଧରେ ଓ ସ୍ୱେଚ୍ଛାରେ ସେପରି ପ୍ରତ୍ୟାଖ୍ୟାନରେ ଅଟଳ ଅଛନ୍ତି କି ନାହିଁ ତାହା ନିରୂପଣ କରିବା ଉଦ୍ଦେଶ୍ୟରେ ମଧ୍ୟବର୍ତ୍ତୀକାଳରେ ନ୍ୟାୟାଧୀଶ ଯେଉଁ ସମୟ ଓ ସ୍ଥାନକୁ ସୁବିଧାଜନକ ବୋଲି ମନେ କରିବେ ସେହି ସମୟ ଓ ସ୍ଥାନରେ ଏବଂ ସେ ଯେତିକି ସମୟ ଲାଗି ନିର୍ଦ୍ଦେଶ ଦେବେ ସେତିକି ସମୟ ପାଇଁ ସେ ଯେଉଁ ବ୍ୟକ୍ତିଙ୍କୁ ବା ବ୍ୟକ୍ତିମାନଙ୍କୁ (ଯେକି ଜଣେ ମହିଳା ବା ଏକାଧିକ ମହିଳା ହୋଇପାରନ୍ତି) ବାଛିବେ ତାଙ୍କୁ ବା ସେମାନଙ୍କ ଉପସ୍ଥିତିରେ ପକ୍ଷମାନେ ପରସ୍ପର ମଧ୍ୟରେ ସାକ୍ଷାତ କରିବାକୁ ନିର୍ଦ୍ଦେଶ ଦେଇ ଏକ ଆଦେଶ ଦେବେ ।

ମୁଲତବି ସମୟର ଅବସାନପରେ ପ୍ରକ୍ରିୟା । ଜବାବଦାତାଙ୍କୁ ପରିପ୍ରଶ୍ନ ।

16. ସେହି ମୁଲତବି ସମୟ ଅବସିତ ହେବାପରେ ଦରଖାସ୍ତକାରୀ ପୁନର୍ବାର ନ୍ୟାୟାଳୟରେ ହାଜର ହେବେ ଏବଂ ପ୍ରମାଣ କରିବେ ଯେ ଉକ୍ତ ଅଭିତ୍ୟାଗ ବା ଅସ୍ୱୀକାର ଏହାର ଠିକ୍ ପୂର୍ବେ ଉଲ୍ଲିଖିତ ସମୟ ପର୍ଯ୍ୟନ୍ତ ଅବିଚ୍ଛିନ୍ନ ଥିଲା ଏବଂ ଯଦି ଏହି ଅଧିନିୟମର ଧାରା 12 ରେ ଓ ଏହି ଧାରାରେ ବର୍ଣ୍ଣିତ ବିଷୟଗୁଡ଼ିକ ନ୍ୟାୟାଧୀଶଙ୍କ ସନ୍ତୋଷ ମୁତାବକ ପ୍ରମାଣିତ ହୁଏ ଏବଂ ଯଦି ଜବାବଦାତା ଯଥାସ୍ଥିତ ନ୍ୟାୟାଧୀଶ ବା ଆସୁକ୍ତଙ୍କ ପରିପ୍ରଶ୍ନର ଉତ୍ତରରେ ଦରଖାସ୍ତକାରୀଙ୍କ ସହ ସହବାସ କରିବାକୁ ପୁନର୍ବାର ପ୍ରତ୍ୟାଖ୍ୟାନ କରନ୍ତି ତାହାହେଲେ ଜବାବଦାତା ଦରଖାସ୍ତକାରୀଙ୍କୁ ଚୂଡ଼ାନ୍ତ ଭାବରେ ଅଭିତ୍ୟାଗ ବା ଅସ୍ୱୀକାର କରିଛନ୍ତି ବୋଲି ଧରାଯିବ,

ଡିକ୍ରୀ

ଏବଂ ନ୍ୟାୟାଧୀଶ ନିଜ ହସ୍ତାକ୍ଷରରେ ଓ ତାଙ୍କ ନ୍ୟାୟାଳୟର ମୋହର ଥାଇ ଏକ ଡିକ୍ରୀ ଦ୍ୱାରା ଘୋଷଣା କରିବେ ଯେ ପକ୍ଷମାନଙ୍କ ମଧ୍ୟରେ ହୋଇଥିବା ବିବାହ ବିଘଟିତ ହେଲା ।

ଦରଖାସ୍ତ-କାରୀଙ୍କ ଧର୍ମ ପରିବର୍ତ୍ତନ ହେତୁ ତାଙ୍କ ସହିତ ସହବାସ କରିବାକୁ ପ୍ରତ୍ୟାଖ୍ୟାନ କରୁଥିବା ପୁରୁଷ ଜବାବଦାତାଙ୍କ କ୍ଷେତ୍ରରେ ଡିକ୍ରୀ ।

17. ଯଦି ଜବାବଦାତା ଜଣେ ପୁରୁଷ ହୋଇଥାନ୍ତି ଏବଂ ଯଥାସ୍ଥିତ ନ୍ୟାୟାଧୀଶ ବା ଆସୁକ୍ତଙ୍କ ପରିପ୍ରଶ୍ନର ଉତ୍ତରରେ ଦରଖାସ୍ତକାରୀଙ୍କ ସହ ସହବାସ କରିବାକୁ ପ୍ରତ୍ୟାଖ୍ୟାନ କରୁଥାନ୍ତି ତାହାହେଲେ ନ୍ୟାୟାଧୀଶ ଜବାବଦାତାଙ୍କ ଉତ୍ତର ଏବଂ ଦରଖାସ୍ତକାରୀଙ୍କ ଦ୍ୱାରା ପ୍ରମାଣିତ ହୋଇଥିବା ବିଷୟଗୁଡ଼ିକ ବିଚାରକରି ଯଦି ତାଙ୍କ ମତରେ ସେହି ପ୍ରତ୍ୟାଖ୍ୟାନର ହେତୁ ହେଉଛି ଦରଖାସ୍ତକାରୀଙ୍କ ଧର୍ମ ପରିବର୍ତ୍ତନ, ତାହାହେଲେ ସେ ମାମଲାଟିକୁ ଏକ ବର୍ଷ ନିମନ୍ତେ ମୁଲତବି ରଖିବେ ।

ସେହି ମୁଲତବି ସମୟ ଅବସିତ ହେଲେ ଦରଖାସ୍ତକାରୀ ପୁଣି ନ୍ୟାୟାଳୟରେ ହାଜର ହେବେ; ଏବଂ ଯଦି ଜବାବଦାତା ଯଥାସ୍ଥିତ ନ୍ୟାୟାଧୀଶ ବା ଆସୁକ୍ତଙ୍କ ପରିପ୍ରଶ୍ନର ଉତ୍ତରରେ ଦରଖାସ୍ତକାରୀଙ୍କ ସହିତ ସହବାସ କରିବାକୁ ପୁଣି ପ୍ରତ୍ୟାଖ୍ୟାନ କରନ୍ତି ତାହାହେଲେ ନ୍ୟାୟାଧୀଶ ତାହା ଉପରେ ଶେଷୋକ୍ତମତେ ଏକ ଡିକ୍ରୀ ଦେବେ :

ପରନ୍ତୁକ

ପରନ୍ତୁ ଯଦି ଦରଖାସ୍ତକାରୀ ସେପରି ଇଚ୍ଛା କରନ୍ତି (ମାତ୍ର ଅନ୍ୟଥା ନୁହେଁ) ମକଦ୍ଦମାର କାର୍ଯ୍ୟବିଧି ଜଣେ ମହିଳା ଜବାବଦାତାଙ୍କ କ୍ଷେତ୍ରରେ ଯେପରି ହୋଇଥାଏ ଯଥୋଚିତ ପରିବର୍ତ୍ତନ ସହ ସେପରି ହେବ ।

ବିବାହ ପରେ ସମ୍ଭୋଗ ହୋଇନଥିବା ସ୍ଥଳେ ବିବାହ ସମୟରେ କୌଣସି ପକ୍ଷ ଯୌବନପ୍ରାପ୍ତ ହୋଇନଥିବା କାରଣରୁ ଜବାବଦାତା ସହବାସ ପାଇଁ ପ୍ରତ୍ୟାଖ୍ୟାନ କଲେ ଡିକ୍ରୀ ।

18. ଏଥି ପୂର୍ବରୁ ଯେକୌଣସି ବିଷୟ ଥିବା ସତ୍ତ୍ୱେ, ଯଦି ମକଦ୍ଦମାର କୌଣସି ଅବସ୍ଥାରେ ପ୍ରମାଣିତ ହୁଏ ଯେ ଉଭୟ ପକ୍ଷ ବା କୌଣସି ଏକ ପକ୍ଷ ସେମାନଙ୍କର ବିବାହ ତାରିଖରେ ଯୌବନ ପ୍ରାପ୍ତ ହୋଇନଥାନ୍ତି ଏବଂ ସେହି ବିବାହ ସମ୍ଭୋଗ ଦ୍ୱାରା ପୂର୍ଣ୍ଣତା ପ୍ରାପ୍ତ ହୋଇନାହିଁ ଏବଂ ଯଦି ଏହି ଅଧିନିୟମର ଧାରା 13 ଅନୁଯାୟୀ ପରିପ୍ରଶ୍ନର ଉତ୍ତରରେ ଜବାବଦାତା ଦରଖାସ୍ତକାରୀଙ୍କ ସହ ସହବାସ କରିବାକୁ ପ୍ରତ୍ୟାଖ୍ୟାନ କରନ୍ତି ଏବଂ ସେହି ପ୍ରତ୍ୟାଖ୍ୟାନର କାରଣ ସ୍ୱରୂପ ଅଭିକଥନ କରନ୍ତି ଯେ ଦରଖାସ୍ତକାରୀ ତାଙ୍କର ଧର୍ମ ପରିବର୍ତ୍ତନ କରିଛନ୍ତି ତାହାହେଲେ ନ୍ୟାୟାଧୀଶ ତାହା ଉପରେ ଶେଷୋକ୍ତମତେ ଡିକ୍ରୀ ଦେବେ ।

**ପୁନର୍ବାର ବିବାହ କରିବାକୁ ପକ୍ଷମାନଙ୍କ ସ୍ୱତନ୍ତ୍ରତା ।**

19. ଯେତେବେଳେ ଏହି ଅଧିନିୟମର ଉପବନ୍ଧଗୁଡ଼ିକ ଅନୁଯାୟୀ ଏକ ବିବାହ ବିଘଟନକର ଡିକ୍ରୀ ଦିଆଯାଇଥାଏ ସେତେବେଳେ ମୃତ୍ୟୁ ଯୋଗେ ପୂର୍ବ ବିବାହର ବିଘଟନ ହୋଇଥିବା ପରି ସେହି ବିବାହର ପକ୍ଷମାନେ ପୁନର୍ବାର ବିବାହ କରିପାରିବେ ଏବଂ କୌଣସି ସ୍ୱୀୟ ବିଧି ଏହାର ବିରୁଦ୍ଧରେ ଥିବା ସତ୍ତ୍ୱେ ସେପରି ପୁନର୍ବିବାହ ଜନିତ ସନ୍ତାନମାନେ ବୈଧ ହେବେ :

ପରନ୍ତୁ କୌଣସି ଧର୍ମଯାଜକ, ଯେଉଁ ବ୍ୟକ୍ତିଙ୍କର ପୂର୍ବ ବିବାହ ଏହି ଅଧିନିୟମ ଅନୁଯାୟୀ ବିଘଟିତ ହୋଇଥାଏ ତାଙ୍କର ବିବାହର ଯଥାବିଧି ଅନୁଷ୍ଠାନ କରିବାକୁ ବାଧ୍ୟ ହେବେ ନାହିଁ କିମ୍ବା ସେପରି କୌଣସି ବ୍ୟକ୍ତିଙ୍କ ବିବାହ ଯଥାବିଧି ଅନୁଷ୍ଠିତ କରିବାକୁ ପ୍ରତ୍ୟାଖ୍ୟାନ କରିବା ଲାଗି କୌଣସି ମକଦ୍ଦମା ବା ଶାସ୍ତି ପ୍ରତି ଦାୟୀ ହେବେ ନାହିଁ ।

**ଅବ୍ୟାହତି ପାଇଥିବା ବ୍ୟକ୍ତିଙ୍କୁ ପରୀକ୍ଷା ନିମିତ୍ତ ଆୟୋଗ ପଠାଇବା ଲାଗି ନ୍ୟାୟାଧୀଶ ଆଦେଶ ଦେବେ ।**

20. ଏହି ଅଧିନିୟମ ଅନୁଯାୟୀ ସଂସ୍ଥିତ ମକଦ୍ଦମାଗୁଡ଼ିକରେ ଉପସ୍ଥିତ ହେବାରୁ ଅବ୍ୟାହତି ପାଇଥିବା କୌଣସି ବ୍ୟକ୍ତିଙ୍କୁ ପରିପ୍ରଶ୍ନ ବା ଅନ୍ୟଥା ପରୀକ୍ଷା ଲାଗି ନ୍ୟାୟାଧୀଶ ଯେଉଁ ପୁରୁଷ ବା ମହିଳା କିମ୍ବା ଉଭୟଙ୍କୁ ଉପଯୁକ୍ତ ମନେ କରନ୍ତି ସେମାନଙ୍କ ନିକଟକୁ ଆୟୋଗ ପଠାଯିବା ନିମିତ୍ତ ଆଦେଶ ଦେବେ ।

ସିଭିଲ୍ ପ୍ରକ୍ରିୟା ସଂହିତାର ଉପବନ୍ଧଗୁଡ଼ିକ ଏହି ଧାରା ଅନୁଯାୟୀ ପଠାଯିବା ଆୟୋଗ ପ୍ରତି ଯଥାସାଧ୍ୟ ଲାଗୁ ହେବ ।

**ଦରଖାସ୍ତକାରୀଙ୍କ ବିବାହର ଏବଂ ଧର୍ମ ପରିବର୍ତ୍ତନର ପରିଣାମ ସ୍ୱରୂପ ଅଭିଯୋଗ ବା ଅସ୍ୱୀକାରର କାରଣ ।**

21. ଏହି ଅଧିନିୟମ ଅନୁଯାୟୀ ସଂସ୍ଥିତ ମକଦ୍ଦମାର ଯେକୌଣସି ଅବସ୍ଥାରେ ପୁରୁଷ ଓ ପତ୍ନୀ ରୂପେ ସହବାସ ପକ୍ଷମାନଙ୍କର ବିବାହର ଉପଧାରିତ ସାକ୍ଷ୍ୟ ହେବ ଏବଂ ଦରଖାସ୍ତକାରୀ ଧର୍ମ ପରିବର୍ତ୍ତନ ପରେ ଏବଂ ଜବାବଦାତା ତାହା ଜାଣିବା ପରେ ଦରଖାସ୍ତକାରୀଙ୍କ ସହ ସହବାସ କରିବାକୁ ଜବାବଦାତାଙ୍କ ପ୍ରତ୍ୟାଖ୍ୟାନ ବା ସ୍ୱେଚ୍ଛାମୂଳକ ଅବହେଳା ଦରଖାସ୍ତକାରୀଙ୍କ ଜବାବଦାତାଙ୍କର ଅଭିଯୋଗ ବା ଅସ୍ୱୀକାରର ପର୍ଯ୍ୟାପ୍ତ ସାକ୍ଷ୍ୟ ହେବ । ଆଉ ମଧ୍ୟ ସେହି ଅଭିଯୋଗ ବା ଅସ୍ୱୀକାରର ଅନ୍ୟ ପର୍ଯ୍ୟାପ୍ତ କାରଣ ଜବାବଦାତାଙ୍କ ଦ୍ୱାରା ପ୍ରମାଣିତ ନହେଲେ ସେହି ଅଭିଯୋଗ ବା ଅସ୍ୱୀକାର ଦରଖାସ୍ତକାରୀଙ୍କ ଧର୍ମ ପରିବର୍ତ୍ତନର ପରିଣାମରେ ହୋଇଥିବାର ପର୍ଯ୍ୟାପ୍ତ ସାକ୍ଷ୍ୟ ହେବ ।

**ସିଭିଲ୍ ପ୍ରକ୍ରିୟା ସଂହିତାର ପ୍ରୟୋଗ ।**

22. ସାକ୍ଷୀ ସମନ ଓ ପରୀକ୍ଷା ସଂପର୍କରେ ସିଭିଲ୍ ପ୍ରକ୍ରିୟା ସଂହିତାର ଉପବନ୍ଧଗୁଡ଼ିକ ଏହି ଅଧିନିୟମ ଅନୁଯାୟୀ ସଂସ୍ଥିତ ମକଦ୍ଦମା ପ୍ରତି ପ୍ରଯୋଜ୍ୟ ହେବ ।

**କୌଣସି ପକ୍ଷ ଅଧିନିୟମରେ ଆବଶ୍ୟକ ବୟସଠାରୁ ଊଣା ବୟସର ହୋଇଥିଲେ ବା ପକ୍ଷମାନେ ସହବାସ କରୁଥିଲେ ବା ଜବାବଦାତା ସହବାସ କରିବାକୁ ଇଚ୍ଛୁକ ଥିଲେ ମକଦ୍ଦମା ଖାରଜ ହେବ ।**

23. ଯଦି ମକଦ୍ଦମାର କୌଣସି ଅବସ୍ଥାରେ ପ୍ରମାଣିତ ହୁଏ ଯେ ମକଦ୍ଦମାର ପୁରୁଷ ପକ୍ଷ ମକଦ୍ଦମା ଅଣାଯିବା ସମୟରେ ଷୋଳ ବର୍ଷରୁ ଊଣା ବୟସର ହୋଇଥାନ୍ତି ବା ଥିଲେ କିମ୍ବା ମକଦ୍ଦମାର ମହିଳା ପକ୍ଷ ସେହି ସମୟରେ ତେର ବର୍ଷରୁ ଊଣା ବୟସର ହୋଇଥାନ୍ତି ବା ଥିଲେ କିମ୍ବା ଦରଖାସ୍ତକାରୀ ବା ଜବାବଦାତା ପୁରୁଷ ଓ ପତ୍ନୀ ରୂପେ ସହବାସ କରୁଛନ୍ତି କିମ୍ବା ଯଦି ନ୍ୟାୟାଳୟ, ଦିଆଯାଇଥିବା ସାକ୍ଷ୍ୟରୁ ସନ୍ତୁଷ୍ଟ ହୁଅନ୍ତି ଯେ ଜବାବଦାତା, ଦରଖାସ୍ତକାରୀଙ୍କ ସହ ଏହି ରୂପେ ସହବାସ କରିବାକୁ ପ୍ରସ୍ତୁତ ଓ ଇଚ୍ଛୁକ ଅଛନ୍ତି ତାହାହେଲେ ନ୍ୟାୟାଳୟ କାରଣ ଉଲ୍ଲେଖ ପୂର୍ବକ ମକଦ୍ଦମା ଖାରଜ କରି ଏକ ଡିକ୍ରୀ ଦେବେ ।

**ସେପରି ଖାରଜ ହେବାପରେ ମକଦ୍ଦମାର ପୁନର୍ଜୀବନ ।**

24. ଯଦି ଏହାର ପୂର୍ବବର୍ତ୍ତୀ ଧାରାରେ ବର୍ଣ୍ଣିତ ଯେକୌଣସି କାରଣରୁ ମକଦ୍ଦମା ଖାରଜକରି ଡିକ୍ରୀ ଦିଆଯିବାର ବାର ମାସ ମଧ୍ୟରେ କୌଣସି ସମୟରେ ଜବାବଦାତା, ଦରଖାସ୍ତକାରୀଙ୍କ ଧର୍ମ ପରିବର୍ତ୍ତନ କାରଣରୁ ତାଙ୍କୁ ପୁନର୍ବାର ଅଭିଯୋଗ ବା ଅସ୍ୱୀକାର କରନ୍ତି ତାହାହେଲେ ସେହି ମକଦ୍ଦମା ଜବାବଦାତାଙ୍କୁ ସମନ କରି ପୁନର୍ଜୀବିତ କରାଯାଇପାରେ; ଏବଂ ପୂର୍ବୋକ୍ତ ଡିକ୍ରୀ ଓ ନବୀକୃତ ଅସ୍ୱୀକାର ବା ଅଭିଯୋଗର ପ୍ରମାଣ ଉପରେ ମକଦ୍ଦମାଟି ଡିକ୍ରୀ ଦିଆଯିବାର ଅବ୍ୟବହିତ

ପୂର୍ବରୁ ଯେଉଁ ଅବସ୍ଥାରେ ଥିଲା ସେହି ଅବସ୍ଥାରୁ ପୁନର୍ବାର ଆରମ୍ଭ ହେବ; ଏବଂ ଏଥି ପୂର୍ବେ ଥିବା ଉପବନ୍ଧଗୁଡ଼ିକ ଅନୁଯାୟୀ ତତ୍କାଳେ ଆବଶ୍ୟକ ହେଉଥିବା ପ୍ରମାଣ, ପରିପ୍ରଶ୍ନ, ସାକ୍ଷାତକାର ମୂଲତବୀପରେ ନ୍ୟାୟାଧୀଶ ଏହି ଅଧିନିୟମର ଧାରା 16ରେ ଉଲ୍ଲିଖିତ ପ୍ରକୃତିର ଏକ ଡିକ୍ରୀ ଦେବେ।

ଦରଖାସ୍ତକାରୀଙ୍କ ନିଷ୍ଠୁରତା ବା ବ୍ୟଭିଚାର ମକଦ୍ଦମାକୁ ପ୍ରତିବନ୍ଧ କରିବ।

25. ଯଦି ମକଦ୍ଦମାର କୌଣସି ଅବସ୍ଥାରେ ପ୍ରମାଣିତ ହୁଏ ଯେ ଜବାବଦାତା ଦରଖାସ୍ତକାରୀଙ୍କର ନିଷ୍ଠୁରତା ବା ବ୍ୟଭିଚାରର ପରିଣାମ ସ୍ୱରୂପ ଦରଖାସ୍ତକାରୀଙ୍କୁ ସଂପୂର୍ଣ୍ଣଭାବେ ବା ଆଂଶିକଭାବେ ଅଭିତ୍ୟାଗ ବା ଅସ୍ୱୀକାର କରିଛନ୍ତି ତାହାହେଲେ ନ୍ୟାୟାଳୟ କାରଣ ଉଲ୍ଲେଖ ପୂର୍ବକ ମକଦ୍ଦମା ଖାରଜ କରି ଏକ ଡିକ୍ରୀ ଦେବେ।

ଏହି ଧାରା ଅନୁଯାୟୀ ଖାରଜ ହୋଇଥିବା ମକଦ୍ଦମା ପୁନର୍ଜୀବିତ ହେବନାହିଁ।

ପୁରୁଷ ଦରଖାସ୍ତକାରୀ ତାଙ୍କର ପତ୍ନୀମାନଙ୍କ ମଧ୍ୟରୁ ଜଣକ ସହ ସହବାସ କଲେ ମକଦ୍ଦମାକୁ ପ୍ରତିବନ୍ଧ କରିବ।

26. ଯଦି ମକଦ୍ଦମା ସଂସ୍ଥାନ ସମୟରେ ପୁରୁଷ ଦରଖାସ୍ତକାରୀଙ୍କର ଦୁଇ ବା ତତୋଧିକ ପତ୍ନୀ ଥାନ୍ତି ତେବେ ସେ ସେମାନଙ୍କୁ ଜବାବଦାତା କରିବେ ଏବଂ ଯଦି ମକଦ୍ଦମାର କୌଣସି ପର୍ଯ୍ୟାୟରେ ପ୍ରମାଣିତ ହୁଏ ଯେ ସେ ସେହି ପତ୍ନୀମାନଙ୍କ ମଧ୍ୟରୁ ଜଣଙ୍କ ସହିତ ପୁରୁଷ ଓ ପତ୍ନୀରୂପେ ସହବାସ କରୁଛନ୍ତି ବା ସେହି ପତ୍ନୀମାନଙ୍କ ମଧ୍ୟରୁ କେହି ଜଣେ ତାଙ୍କ ସହ ସେଭଳି ସହବାସ କରିବାକୁ ପ୍ରସ୍ତୁତ ଓ ଇଚ୍ଛୁକ ଅଛନ୍ତି ତାହାହେଲେ ନ୍ୟାୟାଳୟ କାରଣ ଉଲ୍ଲେଖପୂର୍ବକ ମକଦ୍ଦମା ଖାରଜ କରି ଏକ ଡିକ୍ରୀ ଦେବେ।

ପୁନର୍ଜୀବନ ସଂପର୍କରେ ଏହି ଅଧିନିୟମର ଧାରା 24ରେ ଥିବା ଉପବନ୍ଧଗୁଡ଼ିକ ଏହି ଧାରା ଅନୁଯାୟୀ ଖାରଜ ହୋଇଥିବା ମକଦ୍ଦମା ପ୍ରତି ଯଥୋଚିତ ପରିବର୍ତ୍ତନ ସହ ପ୍ରଯୁଜ୍ୟ ହେବ।

ବିବାହର ବିଘଟନ ପିଲାପିଲିଙ୍କର ସ୍ଥିତି ବା ଅଧିକାରକୁ ପ୍ରଭାବିତ କରିବ ନାହିଁ।

27. ଏହି ଅଧିନିୟମର ଉପବନ୍ଧଗୁଡ଼ିକ ଅନୁଯାୟୀ ବିବାହର ବିଘଟନ, ଦରଖାସ୍ତକାରୀଙ୍କ ଦ୍ୱାରା ଜବାବଦାତାଙ୍କର ଯଦି କୌଣସି ପିଲାପିଲି ଥାନ୍ତି ତେବେ ସେମାନଙ୍କୁ ବୈଧ ସନ୍ତାନ ରୂପେ ସେମାନଙ୍କ ସ୍ଥିତିରୁ କିମ୍ବା ଉପରୋକ୍ତମତେ ବିବାହର ବିଘଟନ ହୋଇ ନ ଥିଲେ ସେମାନଙ୍କ ପ୍ରତି ପ୍ରଯୋଜ୍ୟ ସ୍ୱୀୟ ବିଧି ଅନୁସାରେ ଭରଣପୋଷଣ ଆକାରରେ, ଦାୟ ଆକାରରେ ବା ଅନ୍ୟଥା ସେମାନଙ୍କର ଯେଉଁ ଅଧିକାର ବା ସ୍ୱାର୍ଥ ରହିଥାନ୍ତା ତହିଁରୁ ସେମାନଙ୍କୁ ବଞ୍ଚିତ କରିବ ନାହିଁ।

ନିର୍ବାହ ବ୍ୟୟ ଅଧିନିର୍ଣ୍ଣିତ କରିବାକୁ ନ୍ୟାୟାଳୟର କ୍ଷମତା।

28. ଯଦି ଏହି ଅଧିନିୟମର ଉପବନ୍ଧଗୁଡ଼ିକ ଅନୁଯାୟୀ ଏକ ମକଦ୍ଦମାର ପ୍ରାରମ୍ଭ ହୁଏ ଏବଂ ନ୍ୟାୟାଳୟଙ୍କୁ ପ୍ରତୀତ ହୁଏ ଯେ ପତ୍ନୀଙ୍କର ପର୍ଯ୍ୟାପ୍ତ ପୃଥକ୍ ସମ୍ପତ୍ତି ନାହିଁ ଯଦ୍ଦ୍ୱାରା ସେ ନିଜ ମର୍ଯ୍ୟାଦା ଦୃଷ୍ଟିରୁ ଉପଯୁକ୍ତ ଭାବରେ ନିଜର ଭରଣ-ପୋଷଣ କରି ପାରିବେ ଏବଂ ମକଦ୍ଦମାର ଅଭିଯୋଜନ ବା ପ୍ରତିରକ୍ଷା କରି ପାରିବେ, ତାହାହେଲେ ନ୍ୟାୟାଳୟ ମକଦ୍ଦମା ବିଚାରାଧୀନ ଥିବା କାଳରେ ମକଦ୍ଦମାର ଅଭିଯୋଜନ ବା ପ୍ରତିରକ୍ଷା କରିବାକୁ ପତ୍ନୀଙ୍କୁ ସକ୍ଷମ କରିବା ଲାଗି ଏବଂ ମକଦ୍ଦମା ବିଚାରାଧୀନ ଥିବା କାଳରେ ତାଙ୍କର ଭରଣପୋଷଣ ନିମିତ୍ତ ପର୍ଯ୍ୟାପ୍ତ ଧନ ଦେବାକୁ ପତିଙ୍କୁ ଆଦେଶ ଦେଇ ପାରିବେ।

ଯଦି ପତିଙ୍କ ଦ୍ୱାରା ପତ୍ନୀଙ୍କ ବିରୁଦ୍ଧରେ ମକଦ୍ଦମା ଅଣାଯାଇଥାଏ ତାହାହେଲେ ନ୍ୟାୟାଳୟ, ପତ୍ନୀଙ୍କର ଅବଶିଷ୍ଟ ଜୀବନ ଲାଗି ତାଙ୍କ ଭରଣପୋଷଣ ନିମିତ୍ତ ପକ୍ଷମାନଙ୍କର ଅବସ୍ଥା ଓ ମର୍ଯ୍ୟାଦା ଦୃଷ୍ଟିରୁ ନ୍ୟାୟାଳୟ ଯେଉଁ ଭତ୍ତା ଉପଯୁକ୍ତ ମନେ-କରିବେ ସେହି ଭତ୍ତା ପତ୍ନୀଙ୍କୁ ଦେବାଲାଗି ଡିକ୍ରୀ ଦ୍ୱାରା ପତିଙ୍କୁ ଆଦେଶ ଦେଇ ପାରିବେ।

ଏହି ରୂପେ ଆଦିଷ୍ଟ ଭତ୍ତା ପତ୍ନୀଙ୍କର କୌଣସି ପରବର୍ତ୍ତୀ ବିବାହ ସମୟଠାରୁ ବନ୍ଦ ହୋଇଯିବ।

ଅଧିନିୟମ ଅନୁଯାୟୀ ଅପିଲ ହେବ ନାହିଁ; ମାତ୍ର ଧର୍ମାନ୍ତର ଗ୍ରହଣ ବିବାହ ବିଘଟନ କରିଛି କି ନାହିଁ ଏହି ପ୍ରଶ୍ନ ଉଠାଇ ନ୍ୟାୟାଧୀଶ ମାମଲା ବିବୃତ କରିପାରିବେ।

29. ଏ ଅଧିନିୟମ ଅନୁଯାୟୀ ସଂସ୍ଥିତ କୌଣସି ମାମଲାରେ କୌଣସି ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ଆଦେଶ ବା ଡିକ୍ରୀ ବିରୁଦ୍ଧରେ ଅପିଲ ହେବ ନାହିଁ; ମାତ୍ର ଯଦି ମକଦ୍ଦମାର କୌଣସି ପର୍ଯ୍ୟାୟରେ ଜବାବଦାତା ପ୍ରତିରକ୍ଷା ଆକାରରେ ଅଭିଯୋଗ କରନ୍ତି ଯେ ଦରଖାସ୍ତକାରୀଙ୍କ ଧର୍ମ ପରିବର୍ତ୍ତନ ଦ୍ୱାରା ପକ୍ଷମାନଙ୍କ ମଧ୍ୟରେ ବିବାହ ବିଘଟିତ ହୋଇଛି ଏବଂ ପରିଣାମତଃ ଦରଖାସ୍ତକାରୀ ଏହି ଅଧିନିୟମର ଅର୍ଥ ଅନୁଯାୟୀ ( ଯଥାସ୍ଥିତି ) ପତି ବା ପତ୍ନୀ ନୁହନ୍ତି ତାହାହେଲେ ନ୍ୟାୟାଧୀଶ ଯଦି ସେହି ପ୍ରତିରକ୍ଷାର ବିଧିମାନ୍ୟତା ସମ୍ପର୍କରେ କୌଣସି ସନ୍ଦେହ ପୋଷଣ କରନ୍ତି ତେବେ ସେ ସ୍ୱୟଂ ବା ଜବାବଦାତାଙ୍କ ଆବେଦନକ୍ରମେ ମାମଲାଟିକୁ ବିବୃତ କରିବେ ଏବଂ ସେ ସମ୍ପର୍କରେ ତାଙ୍କର ମତ ସହ ତାହାକୁ ଉଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ନିମିତ୍ତ ପଠାଇବେ।

*ମାମଲାରେ ଆବଶ୍ୟକ ତଥ୍ୟ ଓ ଦସ୍ତାବିଜ ଦର୍ଶିତ ହେବ ଏବଂ ମକଦ୍ଦମା ସ୍ଥଗିତ ରହିବ ।*

30. ସେପରି ପ୍ରତ୍ୟେକ ମାମଲାରେ ଆବଶ୍ୟକ ତଥ୍ୟ ଓ ଦସ୍ତାବିଜ ସଂକ୍ଷିପ୍ତ ଭାବରେ ଉପଦର୍ଶିତ ହେବ ଯଦ୍ଦ୍ୱାରା ଉଚ୍ଚ ନ୍ୟାୟାଳୟ ତହିଁରେ ଉତ୍ଥାପିତ ପ୍ରଶ୍ନ ଗୁଡ଼ିକରେ, ନିଷ୍ପତ୍ତି କରିବାକୁ ସକ୍ଷମ ହେବେ, ଏବଂ ଏହା ପରେ ଉପବନ୍ଧିତ ସ୍ଥଳରେ ନ୍ୟାୟାଳୟର ରାୟ ମିଳିବା ପର୍ଯ୍ୟନ୍ତ ମକଦ୍ଦମାକୁ ସ୍ଥଗିତ ରଖାଯିବ ।

*ତିନିଜଣ ନ୍ୟାୟାଧୀଶଙ୍କ ଦ୍ୱାରା ମାମଲାର ନିଷ୍ପତ୍ତି ହେବ ।*

31. ଯଦି ସେହି ନ୍ୟାୟାଳୟ କୌଣସି ପ୍ରେସିଡେନ୍ସି ସହରସ୍ଥିତ ଉଚ୍ଚ ନ୍ୟାୟାଳୟ ହୋଇଥାଏ ତାହାହେଲେ ସେପରି ପ୍ରତ୍ୟେକ ମାମଲା ସେହି ଉଚ୍ଚ ନ୍ୟାୟାଳୟର ଅନ୍ତତଃ ତିନିଜଣ ନ୍ୟାୟାଧୀଶଙ୍କ ଦ୍ୱାରା ନିଷ୍ପତ୍ତି ହେବ ଏବଂ ଦରଖାସ୍ତକାରୀ ଓ ଜବାବଦାତା ନିଜେ କିମ୍ବା ଅଧିବକ୍ତା ବା ଓକିଲଙ୍କ ଜରିଆରେ ଉଚ୍ଚ ନ୍ୟାୟାଳୟରେ ହାଜର ହୋଇ ପାରିବେ ଓ ଏହିରୂପେ ସେମାନଙ୍କର ଶୁଣାଣି ହୋଇ ପାରିବ ।

*ଉଚ୍ଚ ନ୍ୟାୟାଳୟ ଯୋଗ ବା ପରିବର୍ତ୍ତନ ନିମିତ୍ତ ନ୍ୟାୟାଧୀଶଙ୍କ ନିକଟକୁ ମାମଲାକୁ ପଠାଇ ପାରିବେ ।*

32. ଯଦି ଉଚ୍ଚ ନ୍ୟାୟାଳୟଙ୍କର ହୃଦ୍‌ବୋଧ ହୁଏ ଯେ ସେହି ମାମଲାରେ ଥିବା ବିବୃତମାନ ସେଥିରେ ଉତ୍ଥାପିତ ପ୍ରଶ୍ନଗୁଡ଼ିକୁ ନିରୂପଣ କରିବା ନିମିତ୍ତ ସେହି ନ୍ୟାୟାଳୟଙ୍କୁ ସମର୍ଥ କରାଇବା ସକାଶେ ପର୍ଯ୍ୟାପ୍ତ ନୁହେଁ ତେବେ ଯେଉଁ ନ୍ୟାୟାଧୀଶ ସେହି ମାମଲାକୁ ବିବୃତ କରିଥାନ୍ତି ସେହି ନ୍ୟାୟାଧୀଶଙ୍କ ନିକଟକୁ ତଦୁପଲକ୍ଷେ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶମତେ ତହିଁରେ ଯୋଗ ବା ପରିବର୍ତ୍ତନ କରିବାକୁ ଉଚ୍ଚ ନ୍ୟାୟାଳୟ ତାହା ସେହି ନ୍ୟାୟାଧୀଶଙ୍କ ନିକଟକୁ ପଠାଇ ପାରିବେ ।

*ଉଚ୍ଚ ନ୍ୟାୟାଳୟ ଉତ୍ଥାପିତ ପ୍ରଶ୍ନର ନିଷ୍ପତ୍ତି କରିପାରିବେ ଏବଂ ନ୍ୟାୟାଧୀଶ ତଦନୁସାରେ ମାମଲା ଫଇସଲା କରିବେ ।*

33. ସେପରି କୌଣସି ମାମଲାର ଶୁଣାଣି ପରେ ତହିଁରେ ଉତ୍ଥାପିତ ପ୍ରଶ୍ନଗୁଡ଼ିକୁ ନିଷ୍ପତ୍ତି କରିବା ଏବଂ ଯେଉଁ ଯେଉଁ ହେତୁ ଉପରେ ସେଭଳି ନିଷ୍ପତ୍ତି ଆଧାରିତ ଅଟେ ସେଗୁଡ଼ିକୁ ଅନ୍ତର୍ଭୁକ୍ତ କରି ତା ଉପରେ ନିଜର ରାୟ ଦେବା ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷରେ ବାଧ୍ୟ ସମ୍ମତ ହେବ ;

ଏବଂ ନ୍ୟାୟାଳୟର ମୋହର ଓ ରେଜିଷ୍ଟ୍ରାରଙ୍କ ସ୍ୱାକ୍ଷର ଥାଇ ସେହି ନ୍ୟାୟାଳୟ ଉକ୍ତ ରାୟର ଏକ ପ୍ରତିଲିପି ଯେଉଁ ନ୍ୟାୟାଧୀଶ ମାମଲାଟି ବିବୃତ କରିଥାନ୍ତି ତାହାଙ୍କ ନିକଟକୁ ପଠାଇବେ ଏବଂ ତାହା ପାଇବା ପରେ ନ୍ୟାୟାଧୀଶ ସେହି ରାୟ ଅନୁସାରେ ମାମଲା ଫଇସଲା କରିବେ ।

*ରୋମାନ କାଥୋଲିକ ବିବାହ ଗୁଡ଼ିକର ସଂରକ୍ଷା ।*

34. ଏହି ଅଧିନିୟମରେ ଥିବା କୌଣସି ବିଷୟ ରୋମାନ କାଥୋଲିକ ମତରେ ଧର୍ମାନ୍ତରିତ ବ୍ୟକ୍ତିଙ୍କର ବିବାହକୁ, ରୋମାନ କାଥୋଲିକ ଗିର୍ଜାର ନିୟମ, ଧାର୍ମିକ କୃତ୍ୟ, ଉତ୍ସବ ଓ ଲୋକାଚାର ଅନୁସାରେ ଅନୁଷ୍ଠିତ ହୋଇଥିଲେ ଅବୈଧମାନ୍ୟ କରାଇବା ବିବେଚିତ ହେବ ନାହିଁ ।

*ଅଧିନିୟମର ବିସ୍ତାର ।*

35. ଏହି ଅଧିନିୟମ ଜାମ୍ମୁ ଓ କାଶ୍ମୀର ରାଜ୍ୟ ଏବଂ ମଣିପୁର ସଂଘ ରାଜ୍ୟକ୍ଷେତ୍ର ଭିନ୍ନ ସମଗ୍ର ଭାରତରେ ବିସ୍ତୃତ ।

## ପ୍ରଥମ ଅନୁସୂଚୀ

(ଧାରା 7 ଦ୍ରଷ୍ଟବ୍ୟ)

### ଦରଖାସ୍ତ ଫର୍ମ

ଷ୍ଟାମ୍ପ

…………………ସିଭିଲ ନ୍ୟାୟାଳୟର ନ୍ୟାୟାଧୀଶ

ମହୋଦୟ ସମୀପେଷୁ

ତା ମାସ 19……..

……………………ର କ, ଖ ଙ୍କର ଦରଖାସ୍ତ ଏହି ଯେ:---

…………………

1. ଦରଖାସ୍ତକାରୀ ତା……………ମାସ……………19……ରେ ଜନ୍ମ ହୋଇଥିଲେ ।

2. ଦରଖାସ୍ତକାରୀ ତା…………ମାସ……………19………ରେ ଗ, ଘ କୁ………………… ଠାରେ ବିଧିସମ୍ମତ ଭାବରେ ବିବାହ କରିଥିଲେ ।

3. ବର୍ତ୍ତମାନ ଉକ୍ତ ଖ, ଘ ଙ୍କର ବୟସ…………ବର୍ଷ ବା ତାହାଁର ପାଖାପାଖି ।

4. ଉକ୍ତ ବିବାହ ପରେ ଦରଖାସ୍ତକାରୀ ତା…………ମାସ…………19………ପର୍ଯ୍ୟନ୍ତ………… ଠାରେ ତାଙ୍କର ଉକ୍ତ ପତ୍ନୀଙ୍କ ସହିତ ରହୁଥିଲେ ଓ ସହବାସ କରୁଥିଲେ ।

5. ତା……………ମାସ……………19……ପୂର୍ବରୁ ଦରଖାସ୍ତକାରୀ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ ଏବଂ ସେହି ତାରିଖରେ ସେ ଦୀକ୍ଷିତ ହେଲେ ଓ………ଗିର୍ଜାର ସଦସ୍ୟ ହେଲେ ।

6. ତା……………ମାସ……………19…………ରେ (ଦରଖାସ୍ତ ତାରିଖର ଅନ୍ତତଃ ଛଅମାସ ପୂର୍ବରୁ) ଉକ୍ତ ଗ, ଘ ଦରଖାସ୍ତକାରୀଙ୍କୁ ଅଭିତ୍ୟାଗ କରିଛନ୍ତି ଏବଂ ସେହିଦିନଠାରୁ ତାଙ୍କ ସହ ସହବାସ କରିନାହାନ୍ତି ।

7. ସେହି ଅଭିତ୍ୟାଗ, ଦରଖାସ୍ତକାରୀଙ୍କ ଉକ୍ତ ଧର୍ମ ପରିବର୍ତ୍ତନର ପରିଣାମ ସ୍ୱରୂପ ହୋଇଛି ।

8. ଦରଖାସ୍ତକାରୀ ଓ ଉକ୍ତ ଗ, ଘ ଙ୍କ ମଧ୍ୟରେ କୌଣସି ଦୁରଭିସନ୍ଧି ବା ମୌନାନୁକୂଲତା ନାହିଁ । ଏଣୁ ଦରଖାସ୍ତକାରୀ ପ୍ରାର୍ଥନା କରନ୍ତି ଯେ ଆପଣ ଉକ୍ତ ଗ, ଘ କୁ ଦରଖାସ୍ତକାରୀଙ୍କ ସହିତ ରହିବାକୁ ଓ ସହବାସ କରିବାକୁ ଆଦେଶ ଦିଅନ୍ତୁ କିମ୍ବା ଦରଖାସ୍ତକାରୀଙ୍କ ବିବାହ ବିଘଟନ ହୋଇଛି ବୋଲି ଘୋଷଣା କରନ୍ତୁ ।

କ, ଖ

### ସତ୍ୟାପନ ଫର୍ମ

ଉପରୋକ୍ତ ଦରଖାସ୍ତରେ ନାମିତ ଦରଖାସ୍ତକାରୀ ଆମ୍ଭେ କ, ଖ ଘୋଷଣା କରୁଅଛୁ ଯେ ତହିଁରେ ଯାହା ବିବୃତ ହୋଇଛି ତାହା ଆମ୍ଭର ସର୍ବୋତ୍ତମ ଅବଗତ ଓ ବିଶ୍ୱାସମତେ ସତ୍ୟ ଅଟେ ।

## ଦ୍ୱିତୀୟ ଅନୁସୂଚୀ

(ଧାରା 9 ଦ୍ରଷ୍ଟବ୍ୟ)

### ସାଧାରଣ ମାମଲାରେ ସମନ ଫର୍ମ

ପ୍ରାପକ

ଗ, ଘ ଠିକଣା.................

........

ଯେହେତୁ ତୁମ୍ଭଙ୍କୁ ଅର୍ଥାତ୍ ଉକ୍ତ ଗ, ଘ ଙ୍କୁ ବିଧିସମ୍ମତ ଭାବରେ ବିବାହ କରିଛନ୍ତି ବୋଲି ଦାବି କରୁଥିବା କ, ଖ ଠିକଣା................ସେ ଖ୍ରୀଷ୍ଟ ଧର୍ମ ଗ୍ରହଣ କରିବାର ପରିଣାମ ସ୍ୱରୂପ ତୁମ୍ଭେ ଅର୍ଥାତ୍ ଉକ୍ତ ଗ ଘ ତାଙ୍କୁ ଛଅମାସ କାଳ ଅଭିତ୍ୟାଗ କରିଛ ବୋଲି ଅଭିଯୋଗ କରି ଏବଂ ଯଦି ତୁମ୍ଭେ ତାଙ୍କ ସହିତ ରହିବାକୁ ଓ ସହବାସ କରିବାକୁ ସମ୍ମତ ନ ହୁଅ ତାହାହେଲେ ତାଙ୍କ ବିବାହ ବିଘଟନ ହୋଇଛି ବୋଲି ଘୋଷଣା କରିବାକୁ ପ୍ରାର୍ଥନା କରି...... ......ସିଭିଲ ନ୍ୟାୟାଳୟରେ ତୁମ୍ଭ ବିରୁଦ୍ଧରେ ଦରଖାସ୍ତ ଦାଖଲ କରିଛନ୍ତି, ଅତଏବ ଏତଦ୍ୱାରା ତୁମ୍ଭଙ୍କୁ ଆଦେଶ ଦିଆଯାଉଛି ଯେ ଏହା ତୁମ୍ଭ ଉପରେ ଯେଉଁ ତାରିଖରେ ଜାରି ହେବ ସେହି ତାରିଖଠାରୁ ...............ଦିନ (ଅନ୍ତତଃ ଏକ ମାସ) ଅବସାନ ପରେ ଉକ୍ତ ଦରଖାସ୍ତର ଉତ୍ତର ଦେବାକୁ ଉକ୍ତ ନ୍ୟାୟାଳୟରେ ହାଜର ହେବ। ଏହି ନ୍ୟାୟାଳୟର ମୋହର ଥିବା ଉକ୍ତ ଦରଖାସ୍ତର ଏକ ପ୍ରତିଲିପି ଏଥି ସହିତ ତୁମ୍ଭ ଉପରେ ଜାରି କରାଯାଉଛି;

ଏବଂ ନୋଟିସ ଦିଆଯାଉଛି ଯେ ତୁମ୍ଭେ ସେପରି ହାଜର ହେବାରେ ଖିଲାପ କଲେ ଭାରତୀୟ ଦଣ୍ଡ ସଂହିତାର ଧାରା 174 ଅନୁଯାୟୀ ଦଣ୍ଡନୀୟ ହେବ।

ତା............ମାସ...............19........

(ସ୍ୱାକ୍ଷରିତ) ଙ, ଚ

............ସିଭିଲ ନ୍ୟାୟାଳୟର ନ୍ୟାୟାଧୀଶ

**(ଜାରିପତ୍ର ହେବା ପୃଷ୍ଠାଙ୍କନ)**

ଏହି ସମନ ଛ, ଜ ଙ୍କ ଦ୍ୱାରା ଏଥିରେ ବର୍ଣ୍ଣିତ............ଗ, ଘ ଙ୍କ ଉପରେ... .........ଠାରେ............ ତା............ମାସ...........19......ରେ ସମ୍ୟକ୍ ଭାବରେ ଜାରି ହୋଇଛି।

(ସ୍ୱାକ୍ଷରିତ) ଛ, ଜ

# ତୃତୀୟ ଅନୁସୂଚୀ

(ଧାରା 9 ଦ୍ରଷ୍ଟବ୍ୟ)

## ଜବାବଦାତା ନ୍ୟାୟାଳୟରେ ହାଜିର ହେବାରୁ ଛାଡ଼ ପାଇଥିଲେ ସମନର ଫର୍ମ

ପ୍ରାପକ

ଗ, ଘ (ଠିକଣା)..........................

..........................

..........................

ଯେହେତୁ ତୁମ୍ଭଙ୍କ ଅର୍ଥାତ୍ ଉକ୍ତ ଗ, ଘ କୁ ବିଧିସମ୍ମତ ଭାବରେ ବିବାହ କରିଛନ୍ତି ବୋଲି ଦାବି କରି କ, ଖ (ଠିକଣା) ..........) ଖ୍ରୀଷ୍ଟଧର୍ମ ଗ୍ରହଣ କରିବାର ପରିଣାମ ସ୍ୱରୂପ ତୁମ୍ଭେ ଅର୍ଥାତ୍ ଉକ୍ତ ଗ, ଘ ତାଙ୍କୁ ଛଅମାସ କାଳ ଅଭିତ୍ୟାଗ କରିଛ ବୋଲି ଅଭିଯୋଗ କରି ଏବଂ ଯଦି ତୁମ୍ଭେ ତାଙ୍କ ସହିତ ରହିବାକୁ ଓ ସହବାସ କରିବାକୁ ସହମତ ନହୁଅ ତାହାହେଲେ ତାଙ୍କ ବିବାହ ବିଘଟନ ହୋଇଛି ବୋଲି ଘୋଷଣା କରିବାକୁ ପ୍ରାର୍ଥନା କରି..............ସିଭିଲ ନ୍ୟାୟାଳୟରେ ତୁମ ବିରୁଦ୍ଧରେ ଦରଖାସ୍ତ ଦାଖଲ କରିଛନ୍ତି, ଅତଏବ ଏତଦ୍ଦ୍ୱାରା ତୁମ୍ଭଙ୍କୁ ଆଦେଶ ଦିଆଯାଉଛି ଯେ ଏହା ତୁମ୍ଭ ଉପରେ ଯେଉଁ ତାରିଖରେ ଜାରି ହେବ ସେହି ତାରିଖଠାରୁ ............ ଦିନ (ଅନ୍ତତଃ ଏକମାସ) ଅବସାନପରେ ଉକ୍ତ ଦରଖାସ୍ତ ସମ୍ପର୍କରେ ଏହି ନ୍ୟାୟାଳୟଦ୍ୱାରା ପଠାଯାଇଥିବା ଆୟୋଗ ଅଧୀନରେ ତଦୁପଲକ୍ଷେ ସମ୍ୟକ୍ ଭାବେ ପ୍ରାଧିକୃତ ଆୟୁକ୍ତମାନଙ୍କ ଦ୍ୱାରା ତୁମ୍ଭଙ୍କୁ ଯେଉଁ ପରିପ୍ରଶ୍ନ କରାଯାଇପାରେ ତୁମ୍ଭେ ତାହାର ଉତ୍ତର ଦେବାକୁ ପ୍ରସ୍ତୁତ ରହିବ ଓ ସେଗୁଡ଼ିକର ଉତ୍ତର ଦେବ । ଏହି ନ୍ୟାୟାଳୟର ମୋହର ଥିବା ଉକ୍ତ ଦରଖାସ୍ତର ଏକ ପ୍ରତିଲିପି ଏଥିସହ ତୁମ୍ଭ ଉପରେ ଜାରି କରାଯାଉଛି ;

ଏବଂ ନୋଟିସ ଦିଆଯାଉଛି ଯେ ତୁମ୍ଭେ ସେହି ପରିପ୍ରଶ୍ନ ଗୁଡ଼ିକର ଉତ୍ତର ଦେବାକୁ ପ୍ରସ୍ତୁତ ନ ହେଲେ ବା ଉତ୍ତର ଦେବାରେ ଖିଲାପ କଲେ ତୁମ୍ଭେ ଭାରତୀୟ ଦଣ୍ଡ ସଂହିତାର ଧାରା 174 ଅନୁଯାୟୀ ଦଣ୍ଡନୀୟ ହେବ ।

ତା.............ମାସ.............19..........

(ସ୍ୱାକ୍ଷରିତ) ଙ, ଚ

(ଜାରିପରେ କରାଯିବା ପୃଷ୍ଠାଙ୍କନ)

.....................ସିଭିଲ ନ୍ୟାୟାଳୟ ନ୍ୟାୟାଧୀଶ

ଏହି ସମନ ଛ, ଜ ଙ୍କ ଦ୍ୱାରା ଏଥିରେ ବର୍ଣ୍ଣିତ ଗ, ଘ ଙ୍କ ଉପରେ.........................ଠାରେ ବା ............ ମାସ............19..........ରେ ସମ୍ୟକଭାବରେ ଜାରି ହୋଇଅଛି ।

(ସ୍ୱାକ୍ଷରିତ) ଛ, ଜ